ସକାଳ
THE SAKALA



## ଏବିଡ଼ିଓଙ୍କୁ ଋଷିକୁଲ୍ୟା ରୟତ ମହାସଭାର ଦାବିପତ୍ର



**କବିସୂର୍ଯ୍ୟନଗର,୭ ।୧(ସମିସ):** ଜିଲ୍ଲାରେ ଧାନ୍ୟକିଣା ସୁରୁଖୁରୁରେ ହେବା ପାଇଁ ଋଷିକୁଲ୍ୟା ରୟତ ମହାସଂଘ ପକ୍ଷରୁ ସମ୍ପାଦକ ସୀମାଞ୍ଚଳ ନାହାକ ନେତୃତ୍ୱରେ ଶତାଧିକ ଚାଷୀ ସ୍ଥାନୀୟ ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ ନାରାୟଣ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅସାଧୁ ମିଲର ଓ ଦୁର୍ନୀତିଗ୍ରସ୍ତ କିଛି କର୍ମଚାରୀଙ୍କ ଦ୍ୱାରା ମିଳିତ ମଧୁଚନ୍ଦ୍ରିକା ଶିକାର ହୁଅନ୍ତି ସାଧାରଣ ଚାଷୀ। କଟନୀ ଛଟନୀ ପ୍ରାୟ ୫ ରୁ ୭ କେଜି କରାଯାଉଥିବାରୁ ଠକାମୀର ଶିକାର ହୋଇଥାନ୍ତି ଚାଷୀ। ଚଳିତ ବର୍ଷ ଧାନର ମାନ ଉନ୍ନତ ଓ ଭଲ ଥିବା ହେତୁ ଚାଷୀ ସରକାରୀ ଦରରେ ବିକ୍ରି କରିବ ସେଥିଲାଗି ଏହି ମହାସଭା ଯତ୍ନଶୀଳ ହୋଇଛି। ଦାବି ମଧ୍ୟରେ ପଞ୍ଜିକୃତ ଚାଷୀର ତାଲିକା ସାର୍ବଜନୀନ, ଜିଲ୍ଲାସ୍ତରରେ ଧାନକ୍ରୟ ଲାଗି ନୋଡାଲ ଅଫିସର ନିଯୁକ୍ତି, ପ୍ରତି ପଞ୍ଚାୟତରେ ତିନୋଟି ଧାନ କିଣା କେନ୍ଦ୍ର ଖୋଲିବା, ଚାଷୀଙ୍କୁ ଅଖା ପ୍ରଦାନ, ଏପ୍ରିଲ ଯାଏ ଧାନ କିଣା ଅବଧି ବୃଦ୍ଧି, ଧାନ କିଣା କମିଟି ପ୍ରତି ଗାଁରେ କିଛି ଜଣଙ୍କୁ ରଖିବା, ସୋସାଇଟି ଦ୍ୱରା ଧାନ କିଣିବା, ମିଲରେ ନ ଦେଇ ମଣ୍ଡିରୁ ଧାନ ଉଠାଯାଉ, ଅଭିଯୋଗ ପାଇଁ ଟୋଲ ଫ୍ରି ନମ୍ବର ରହୁ ଭଳି ଦାବି ରହିଛି। ଏହି ଅବସରରେ ଚାଷୀ ବାଉରୀବନ୍ଧୁ ସ୍ୱାଇଁ, ଯୋଗୀନ୍ଦ୍ର ନାଥ ନାୟକ, କୈଳାଶ ସିଂ, ବିଜୟ କୁମାର ନାହାକ, ରବୀନ୍ଦ୍ର ନାଥ ପୋଲାଇ, ବିପ୍ର ଚରଣ ନାହାକ, ତ୍ରିନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**ଛତ୍ରପୁର,୭ ।୧(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବନ୍ୟା, ବାତ୍ୟା, ସାପ କାମୁଡ଼ା, ପାଣିରେ ବୁଡି ମରିବା ଭଳି ଦୈବି ଦୁର୍ଘଟଣା ଜନିତ ମୃତକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଅନୁକମ୍ପା ରାଶିକୁ ତୁରନ୍ତ ପ୍ରଦାନ କରିବା ସହ ବିଭିନ୍ନ ଜାତିଗତ ପ୍ରମାଣପତ୍ରକୁ ଲୋକଙ୍କୁ ସଠିକ୍ ସମୟରେ ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳ ଶ୍ରୀ ବରାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଡି ରହିଥିବା ମ୍ୟୁଟେସନ କେସ ଗୁଡିକ ଫଇସଲା କରିବା, ବସୁନ୍ଧରା ଯୋଜନା ଆନୁକୂଲ୍ୟରେ ସଠିକ ହିତାଧିକାରୀଙ୍କୁ ଚିହ୍ନଟ କରିବା ସହିତ ପଟ୍ଟା ପ୍ରଦାନ କରିବା। ସହରାଞ୍ଚଳ ହେଉବା ଗ୍ରାମାଞ୍ଚଳ ହେଉ ଯିଏ ବି ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଛନ୍ତି ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ବେ-ବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବୈଠକରେ କୁହାଯାଇଥିଲା। ବିଭିନ୍ନ ସାର୍ଟିଫିକେଟ ଗୁଡିକ ସଠିକ ସମୟରେ ପ୍ରଦାନ କରିବା, ସରକାରୀ ସ୍କୁଲ, କଲେଜ ଓ ଡିଗ୍ରୀ କଲେଜ ଏବଂ ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବାକୁ କୁହାଯାଇଛି। ରାଜସ୍ୱ ମେଳା କରି ହିତାଧିକାରୀଙ୍କୁ ବିଭିନ୍ନ ସୁବିଧା ପ୍ରଦାନ କରିବା ସହିତ କଲମ ଟୁ ଆର ଆର କରେକ୍ସନ ଉପରେ ପ୍ରଚାର ପ୍ରସାର କରିବା ନିମନ୍ତେ ଅଧିକ ଫୋକସ ଦେବାକୁ କୁହାଯାଇଛି। ଚଳିତ ଖରିଫ ଧାନ ସଂଗ୍ରହ ନିମନ୍ତେ ମଣ୍ଡି ଗୁଡିକର ସୁବ୍ୟବସ୍ଥା ନିମନ୍ତେ ତହସିଲଦାର ମାନେ ବ୍ଲକସ୍ତରରେ ବୈଠକ କରିବାକୁ କୁହାଯାଇଛି। ବୈଠକରେ ଡେପୁଟି କଲେକ୍ଟର ରବୀନ୍ଦ୍ର ମିଶ୍ର, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏସଆରଏ ମଧୁସ୍ମିତା ନାୟକଙ୍କ ସମେତ ପୋଲସରା, ପୁରୁଷୋତ୍ତମପୁର, ଛତ୍ରପୁର, ହିଞ୍ଜିଳିକାଟୁ, ଗଞ୍ଜାମ, କବିସୂର୍ଯ୍ୟନଗର, ଖଲ୍ଲିକୋଟ ଓ କୋଦଳା ତହସିଲଦାର ମାନେ ଉପସ୍ଥିତ ଥିଲେ।

### ଟିକସ ପାଇଁ ପୌରପାଳିକାରେ ମିଶ୍ରଣକୁ ବିରୋଧ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ପାଞ୍ଚ ପଞ୍ଚାୟତବାସୀ

**ଛତ୍ରପୁର,୭ ।୧(ସମିସ)**

ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗତ ଡିସେମ୍ବର ୨୬ ଦିନ ଏନେଇ ଆପତ୍ତି ଅଭିଯୋଗ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି ଅବସରରେ ବୁଧବାର ଛତ୍ରପୁର ବ୍ଲକ ଅନ୍ତର୍ଗତ ଅଗସ୍ତିନୂଆଗାଁ, କଣମଣା, ଆର୍ଯ୍ୟପଲ୍ଲୀ, ଚିକଲଖଣ୍ଡି ଓ ପୋଡା ପଦର ପଞ୍ଚାୟତର ଶତାଧିକ ଲୋକେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କାହା ସ୍ୱାର୍ଥରେ ବିନା ଜନଶୁଣାଣିରେ ଉକ୍ତ ପଞ୍ଚାୟତର ଗାଁଗୁଡିକୁ ମିଶ୍ରଣ କରାଯିବ ବୋଲି ମଧ୍ୟ ସେମାନେ ପ୍ରଶ୍ନ କରିଛନ୍ତି।

ସରକାରଙ୍କ ପକ୍ଷରୁ ଆପତ୍ତି ଅଭିଯୋଗ ଗ୍ରହଣ ପାଇଁ କୁହାଯିବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ପଞ୍ଚାୟତଗୁଡିକୁ ଚିଠି ପଠା ଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଅଗସ୍ତିନୂଆଗାଁ ପଞ୍ଚାୟତର ଅଗସ୍ତିନୂଆଗାଁ, ତେଲୁଗୁନୂଆଗାଁ, ସାନ ନୋଳିଆନୂଆଗାଁ ଓ ବଡ଼ ନୋଳିଆନୂଆଗାଁ ଛତ୍ରପୁର ସହର ଠାରୁ ପ୍ରାୟ ୬ କିମି ଦୂରରେ ଅବସ୍ଥିତ। ସାନନୋଳିଆଗାଁ ଓ ବଡ଼ନୋଳିଆନୂଆଗାଁର ଗ୍ରାମବାସୀ ସଂପୂର୍ଣ୍ଣ ମତ୍ସ୍ୟଜୀବୀ ସେମାନେ ସମୁଦ୍ର ଉପରେ ନିର୍ଭର କରି ନିଜର ଜୀବିକା ନିର୍ବାହ କରୁଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାରେ ଲାଭ ଉଠାଉଛନ୍ତି। ସେହିପରି ଅଗସ୍ତିନୂଆଗାଁ ଓ ତେଲୁଗୁ ନୂଆଗାଁର ଜନସାଧାରଣ ଅଧିକାଂଶ ଦିନ ମଜୁରିଆ, ଚାଷ, ଗୋପାଳନ ଓ କିଆଫୁଲ ଚାଷ ଉପରେ ନିର୍ଭର କରିଥାନ୍ତି।




ସହରାଞ୍ଚଳରେ ସାମିଲ ହୋଇ ବିଦ୍ୟୁତ୍ ଭଡ଼ାଠାରୁ ଆରମ୍ଭ କରି ପିଇବା ପାଣି, ଘରର ଟିକସ ଏଭଳି ବିଭିନ୍ନ କ୍ଷେତ୍ରରେ ଅଧିକା ଟିକସ ଦେଇ ଅସୁବିଧାର ସମ୍ମୁଖୀନ ହେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ସ୍ଥାନୀୟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶହ ଶହ ଲୋକ ମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସିପିଆଇ ନେତା ଡି. ଆଦିନାରାୟଣ ରେଡ୍ଡୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରନ କୁମାରୀ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ୨୦ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, କଣମଣା ସରପଞ୍ଚ ବି. ଦମୟନ୍ତୀ, ପୂର୍ବତନ ସରପଞ୍ଚ ତଥା ଶ୍ରମିକ ନେତା ଏସ. ଚକ୍ରପାଣି ରେଡ୍ଡୀ, ଶ୍ରମିକନେତା ଶଙ୍କର ପ୍ରସାଦ ଦାଶ, ବିଜେଡି ନେତା ପ୍ରଶାନ୍ତ କୁମାର କର, କଂଗ୍ରସ ନେତା ଭାଗିରଥି ବେହେରା, ରାଜ୍ୟ ଯୁବ ବିଜେଡିର ସାଧାରଣ ସମ୍ପାଦକ ବିମଳ କୁମାର ପଣ୍ଡା, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ସମିତି ସଭ୍ୟା ଟୁମକି ସେଠି, ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡୀ ଓ ଟି. ଗାଉରିଆ ରେଡ୍ଡୀ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ସିପିଆଇ ନେତା ନୀଳକଣ୍ଠ ଦାଶ, ସିଏଚ. ଜନାର୍ଦନ ରେଡ୍ଡୀ, ଆଇନଜୀବୀ ଡି. ଆଦିନାରାୟଣ ରେଡ୍ଡୀ, ଚିଙ୍କାରା ବେହେରା, ସାନ ଆର୍ଯ୍ୟପଲ୍ଲୀ ଗ୍ରାମ କମିଟି ସମ୍ପାଦକ ଏମ. ଦିଲ୍ଲୀପ, ବି. ଭୀମସେନ, ଟିକିନା ଗୌଡ଼, ସନ୍ତୋଷ ବେହେରା, ଅଭିରାମ ପ୍ରଧାନ ଓ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

### ■ 'ୱାଟ୍‌କୋ'ର ଚିନ୍ତା ବଢ଼ାଉଛନ୍ତି ନିଶାଡ଼ି ଓ ଚୋର

## ପୁଲିସ କବ୍‌ଜାରେ ୨୫; ୬୦ରୁ ଊର୍ଦ୍ଧ୍ୱ ୱାଟର୍ ମିଟର ଜବତ

**ବ୍ରହ୍ମପୁର,୭।୧(ସମିସ):** ୱାଟ୍‌କୋର ଚିନ୍ତା ବଢ଼ାଉଛନ୍ତି ନିଶାଡ଼ି ଓ ଚୋର। ନିୟମିତ ବ୍ୟବଧାନରେ ବ୍ରହ୍ମପୁର ସହର ସମେତ ଉପକଣ୍ଠରେ ୱାଟର ମିଟର ଚୋରି ହେଉଥିବା ଅଭିଯୋଗ ହେଉଛି। ସବୁଠାରୁ ବଡ଼କଥା ହେଲା ନିଜ ଘର ସମ୍ମୁଖରେ ଲାଗିଥିବା ୱାଟର ମିଟର ଚୋରି ପରେ ମଧ୍ୟ ଗ୍ରାହକ ନିଜଆଡୁ ଅଭିଯୋଗ କରୁନଥିବା ଦେଖିବାକୁ ମିଳିଛି। ଯାହାର ସୁଯୋଗ ନେଇ ଚୋରି ବଢିବାରେ ଲାଗିଛି। ଏହି ଗ୍ୟାଙ୍ଗରେ ନାବାଳକ ଓ ରାଜ୍ୟ ବାହାରର ସଦସ୍ୟଙ୍କ ସମ୍ପୃକ୍ତି ସମସ୍ତଙ୍କ ଆଖିରୁ ନିଦ ହଜାଇ ଦେଇଛି। ନିକଟରେ ଏଭଳି ଏକାଧିକ ଅଭିଯୋଗ ପାଇ ବ୍ରହ୍ମପୁର ବଡ଼ବଜାର ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଜଣେ ନାବାଳକଙ୍କ ସମେତ ୪ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ଉତ୍ତର ପ୍ରଦେଶର ଯୁବକ ସାମିଲ ଥିବା ବେଳେ ସେମାନଙ୍କ ଠାରୁ ୧୪ଟି ଚୋରି ୱାଟର ମିଟର ଜବତ କରିଥିଲା। ଗିରଫଙ୍କ ମଧ୍ୟରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଲଙ୍ଗଳଦେଇ ଗ୍ରାମର ଲବ ନାୟକ ଓରଫ କାଳିଆ (୧୯), ପୁରୁଣା ବ୍ରହ୍ମପୁର ଅଞ୍ଚଳର ସାନୁ ଦଳବେହେରା (୨୧) ଓ ଉତ୍ତର ପ୍ରଦେଶର ଭାଦୋହି ଜିଲ୍ଲା ଚୌରୀ ବଜାର ଥାନା ଅନ୍ତର୍ଗତ ମଧୁରାମପୁର ଗ୍ରାମର ଶିବ କୁମାର ଗୁପ୍ତା (୧୯)। ସେହିଭଳି ଗତବର୍ଷ ବଡବଜାର, ନିମଖଣ୍ଡି, ଟାଉନ ଥାନା ଅନ୍ତର୍ଗତ ବିଜିପୁର, ହରିଡାଖଣ୍ଡି, ରମ୍ଭା ସାହି ଓ ଗେଟବଜାର ସମେତ ହିଞ୍ଜିଳିକାଟୁ ଇଲାକାରେ ୧୨ଟି ମାମଲା ରୁଜୁ ହୋଇ ମୋଟ ୨୨ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ଠାରୁ ୫୦ରୁ ଉଦ୍ଧ୍ୱର୍ ଚୋରି ୱାଟର ମିଟର ଜବତ କରାଯାଇଥିଲା। ୱାଟର ମିଟର ଚୋରୀ ସମ୍ପର୍କିତ ଖବର ଗ୍ରାହକମାନେ ବା ସାଧାରଣ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ୱାଟକୋକୁ ଦେଉନଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏନେଇ ସଚେତନତା ସୃଷ୍ଟି କରାଯିବ ବୋଲି କହିଛନ୍ତି ୱାଟକୋ ମହା ପ୍ରବନ୍ଧକ ଇଂ ବିକାଶ ପାଢୀ।



### ମୁଖ୍ୟମନ୍ତ୍ରୀ ବସ୍‌ରେ ମହିଳାଙ୍କଠାରୁ ଚୋରି

## ୩୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟିନେଲେ

**ଦିଗପହଣ୍ଡି,୭।୧(ସମିସ)** ଦିଗପହଣ୍ଡି-ପୋଡ଼ାମାରି ରୋଡ୍ ଦାମୋଦରନଗର ୨ୟ ଲେନ୍‌ରେ ରହୁଥିବା ଭୀଷ୍ମଗିରି ଗ୍ରାମର ଇ.ସସ୍ମିତା ପାତ୍ରଙ୍କ ଭ୍ୟାନିଟି ବ୍ୟାଗରୁ ୩୦ ଲକ୍ଷ ଟଙ୍କା ମୂଲ୍ୟର ପ୍ରାୟ ୨୫ ଭରି ଓଜନର ବିଭିନ୍ନ ସୁନା ଗହଣା ବୁଧବାର ଅପରାହ୍ନରେ କେହି ଦୁର୍ବୃତ୍ତ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସସ୍ମିତା ଦିଗପହଣ୍ଡିରୁ ସରକାରୀ ମୁଖ୍ୟମନ୍ତ୍ରୀ ବସ୍ (ନଂ. ଓଡ଼ି୦୭ଏୟୁ-୨୮୩୫)ରେ ଭୀଷ୍ମଗିରି ଯାଉଥିବା ବେଳେ ଭ୍ୟାନିଟି ବ୍ୟାଗ ଚେନ୍ ଖୋଲି ସେଥିରେ ୨ ଟି ମନିପର୍ସରେ ରଖିଥିବା ସମସ୍ତ ସୁନା ଗହଣା କେହି ଦୁର୍ବୃତ୍ତ ନେଇଯାଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ସେ ଦିଗପହଣ୍ଡି ପୁଞ୍ଜିକୟାଁ ଛକରୁ ବସ୍‌ରେ ଚଢ଼ିବା ବେଳେ ଗହଳିର ସୁଯୋଗ ନେଇ କେହି ଦୁର୍ବୃତ୍ତ ଅଳଙ୍କାର ନେଇଯାଇଥିବା ସସ୍ମିତା କହିଛନ୍ତି। ପୁଲିସ ସହରର ବିଭିନ୍ନ ଜାଗାରେ ଥିବା ସିସିଟିଭି ଯାଞ୍ଚ କରିଥିଲେ ମଧ୍ୟ ଚୋରି ସମ୍ପର୍କରେ କୌଣସି ସୁରାକ ପାଇନାହାଁନ୍ତି।

## ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ବେଲଗୁଣ୍ଠା,୭ ।୧(ସମିସ):** ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରୀୟବରପୁର ପିଏମ୍‌ଶ୍ରୀ ନୋଡାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଶୁଭ ଦେଇଥିବା ବେଳେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରି ଲୋପାମୁଦ୍ରା ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ବେଲଗୁଣ୍ଠା ତହସିଲଦାର ତଥା ବିଡିଓ କଳାକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ସ୍ଥାନୀୟ ସରପଞ୍ଚ କମଳ କୁମାରୀ ପ୍ରଧାନ, ସମିତିସଭ୍ୟ କୁଞ୍ଜବିହାରୀ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସାହୁ, କ୍ଷତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଗିରିଧର ନାୟକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆ, ପୂର୍ବତନ ସରପଞ୍ଚ ମହନ୍ତ ରାମକୃଷ୍ଣ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାଙ୍ଗପୁର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର, ପୂର୍ବତନ ସରପଞ୍ଚ ପ୍ରମୋଦ ପ୍ରଧାନ, ବେଲଗୁଣ୍ଠା ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୁଖ ଯୋଗଦେଇ ଥିଲେ। ସିଆରସିସି ଛାୟାକାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ।




## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ପାତ୍ରପୁର,୭ ।୧(ସମିସ):** ପାତ୍ରପୁର ବ୍ଲକ ସୁରଙ୍ଗୀ ରଜକ ସମାଜର ସଭାପତି ତଥା ସମାଜସେବୀ ସ୍ୱର୍ଗତ କୋରାମଣି ସେଠୀଙ୍କ ଏକାଦଶାହରେ ଏକ ସ୍ମୃତିଚାରଣ ସଭା ନିଜ ଜନ୍ମମାଟି ତିତିଗାଁରେ ଅନୁଷ୍ଠିତ ହୋଇଯାଇଥିଲା। ସଭାରେ ଚିକିଟି ରଜକ ସମାଜର ସଭାପତି ହରିବନ୍ଧୁ ସେଠୀ, ସମ୍ପାଦକ ବାରିକ ସେଠୀ, ଜରଡ଼ା ତାଲୁକାର କୁଳ ବେହେରା ନରସିଂହ ବେହେରା, ସଭାପତି ଭାସ୍କର ସେଠୀ, ସୁରଙ୍ଗି ତାଲୁକାର ବେହେରା ନରସିଂହ ସେଠୀ, ଉପ ସଭାପତି ପିଣ୍ଟୁ ସେଠୀ, ସମ୍ପାଦକ ଶିବପ୍ରସାଦ ସେଠୀ ପ୍ରମୁଖଙ୍କ ସହ ପ୍ରାୟ ୪୭ ଗ୍ରାମର ରଜକ ସମାଜର ଭାଇ ଭଉଣୀ ଯୋଗ ଦେଇଥିଲେ।




## ଗଞ୍ଜେଇ ଜବତ, ଦୁଇ ଗିରଫ



**ଖଲ୍ଲିକୋଟ,୭ ।୧(ସମିସ):** ବସ୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଛି। ବୁଧବାର ସକାଳୁ ଏକ ବସ୍‌ରେ ଗଞ୍ଜେଇ ଭୁବନେଶ୍ୱର ଅଭିମୁଖେ ଚାଲାଣ ହେଉଥିବା ଖବର ପାଇ ଅବକାରୀ ମୋବାଇଲ ସ୍କ୍ୱାଡ୍ ଏସ୍‌ଆଇ ସୂର୍ଯ୍ୟ ନାରାୟଣ ରଥ, ମୋବାଇଲ ସ୍କ୍ୱାଡ ଟିମ୍ ସହ ଗୁରାପଲ୍ଲୀ ଟୋଲ୍‌ଗେଟ ନିକଟରେ ଚଢ଼ଉ କରି ୧୬ କିଲୋ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲେ। ଗିରଫ ଦୁଇ ଯୁବକ ହିରାମଣି ସିଂ ଓ ଭାଗିରଥ କୁମାର ସିଂ ବୋଲି ଜଣାପଡ଼ିଛି।

## ହାତୀ ଆକ୍ରମଣରେ ବୃଦ୍ଧା ମୃତ

**ଜଗନ୍ନାଥପ୍ରସାଦ,୭ ।୧(ସମିସ):** ଉତ୍ତର ଘୁମୁସର ବନଖଣ୍ଡ ସଂରକ୍ଷିତ ଜଙ୍ଗଲ ନିକଟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲୁଣିଗୁଣ୍ଡି ଗ୍ରାମର ବିଦୁର ମଲ୍ଲିକଙ୍କ ସ୍ତ୍ରୀ ସୁଶିଳା ମଲ୍ଲିକ (୬୨)। ଲୁଣିଗୁଣ୍ଡି ଗ୍ରାମ ସଂରକ୍ଷିତ ଜଙ୍ଗଲ-୮ ନିକଟରେ ଥିବା ନିଜ ରାଶି ପଦରକୁ ସୁଶିଳା, ରୁନୁ ପ୍ରଧାନ ଓ ଲବଙ୍ଗ ପ୍ରଧାନ ମିଶି ବୁଧବାର ରାଶି କାଟିବାକୁ ଯାଇଥିଲେ। ଅପରାହ୍ନରେ ତିନି ଜଣ ଯାକ ଘରକୁ ଫେରୁଥିବା ବେଳେ ଏକ ମାଇ ହାତୀ ହାବୁଡ଼ରେ ପଡ଼ିଥିଲେ। ଆଗରେ ଥିବା ସୁଶିଳାଙ୍କୁ ହାତୀଟି ଟାଣି ନେଇ କଚାଡ଼ି ଦଳି ଦେଇଥିଲା। ଅନ୍ୟ ଦୁଇଜଣ ଦୋ÷ଡ଼ି ପଳାଇ ଆସି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବର ପାଇ ବନକର୍ମଚାରୀ ଏବଂ ପରିବାର ଲୋକେ ମିଶି ଘଟଣାସ୍ଥଳରୁ ମହିଳାଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବନ ବିଭାଗ କର୍ମଚାରୀ ଘଟଣାର ତଦନ୍ତ କରୁଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଖାଲକୁ ବାଇକ୍ ଖସି ଯୁବକ ମୃତ

**ପୁରୁଷୋତ୍ତମପୁର,୭ ।୧(ସମିସ):** ପୁରୁଷୋତ୍ତମପୁର ଥାନା ଅର୍ନ୍ତଗତ ବାଲିଆ ଶଙ୍ଖ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଷୋତ୍ତମପୁର ନନ୍ଦିକ ସାହିର କୃଷ୍ଣ ଗୌଡ଼(୪୮)। କୃଷ୍ଣ କହକପୁର ଗ୍ରାମରୁ ଭୋଜି ଖାଇ ଫେରୁଥିବା ବେଳେ ବାଲିଆ ଶଙ୍ଖ ନିକଟରେ ବାଇକ୍ ସହ ଖାଲକୁ ଖସି ପଡ଼ିଥିଲେ। ସେଠାରୁ ବାଲିଆ ଗ୍ରାମବାସୀ ଉଦ୍ଧାର କରି ପୁରୁଷୋତ୍ତମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣ ପୁରୁଷୋତ୍ତମପୁର ବାଲିରାମ୍ପ ପାଖରେ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବୁଗୁଡା,୭ ।୧(ସମିସ):** ବୁଗୁଡ଼ା ବ୍ଲକ କଞ୍ଚୁରୁ ଗ୍ରାମ ନିକଟସ୍ଥ ଏକ କଲଭର୍ଟରେ ପିଟିହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଞ୍ଚୁରୁ ଗ୍ରାମର କାମେଶ୍ୱର ସ୍ୱାଇଁ(୨୮)। ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ସୁରତରେ କାମ କରୁଥିବା କାମେଶ୍ୱର ତାଙ୍କ ମା'ଙ୍କ ଅନ୍ତ୍ୟୋଷ୍ଟି କାର୍ଯ୍ୟରେ ଯୋଗ ଦେବାକୁ ଗତ ମାସରେ ଗାଁକୁ ଆସିଥିଲେ ହେଁ ସେ ତାଙ୍କ ଶଶୁର ଘର ପଙ୍କଲସାହିରେ ରହୁଥିଲେ। ତେବେ ବୁଧବାର ଅପରାହ୍ନରେ ସେ ବାଇକରେ କଞ୍ଚୁରୁକୁ ଯାଉଥିବା ବେଳେ ଅସାବଧାନତା ବଶତଃ ସେହି ଗାଁ ନିକଟସ୍ଥ ଏକ କଲଭର୍ଟରେ ବାଇକ୍ ପିଟି ହୋଇ ରାସ୍ତାକଡ଼କୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବୁଗୁଡା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।






### କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ସନ୍ଧ୍ୟା

# ଝୁମିଲେ ଅଧିକାରୀ, ଧାନ ଜଗିଛି ଚାଷୀ





ପାରଳାଖେମୁଣ୍ଡି,୭ ।୧(ସମିସ):

ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍‌ଠାରେ ଚାଲୁ ରହିଥିବା ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା । ଦ୍ୱିତୀୟ ଦିବସ ଧୁମ୍‌ଧାମ୍‌ରେ ଶେଷ ହୋଇଛି । ସନ୍ଧ୍ୟା ସମୟରେ ମନୋରଞ୍ଜନ ଲାଗି ଚିତ୍ତାକର୍ଷକ ନୃତ୍ୟ ଓ ସଂଗୀତ ପରିବେଷଣ ହୋଇଥିଲା । ତେବେ କୃଷି ଯନ୍ତ୍ରପାତି ମେଳା ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଶୀତୁଆ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମକୁ ମନଭରି ଉପଭଗ କରିବା ସହ ନାଚଗୀତରେ ଝୁମିଥିବାବେଳେ ଚାଷୀଙ୍କ ଦେଖା ମିଳିନଥିଲା । ସେପଟେ ଚାଷୀ ଧାନବିକ୍ରି ହୋଇନଥିବାରୁ ଏହି ମେଳାରେ ଯୋଗ ନଦେଇ ଅମଳ ଧାନକୁ କ୍ଷେତଖଳାରେ ଜଗି ବସିଥିବା ଜଣାପଡ଼ିଛି । ଜିଲ୍ଲାରେ ଆନୁଷ୍ଠାନିକ ଭାବେ ଡିସେମ୍ବର ୩୦ରେ ଧାନମଣ୍ଡି ଖୋଲାଯାଇଥିଲେ ମଧ୍ୟ ଏହା ନାମକୁ ମାତ୍ର । ଆଜି ଯାଏଁ କେଜିଏ ଧାନ କ୍ରୟ କରାଯାଇନାହିଁ । ଗୋଟିଏ ପଟେ ଧାନ ବିକ୍ରି ହୋଇନପାରି ଅର୍ଥ ଅଭାବ, ଆଗକୁ ମକର ସଂକ୍ରାନ୍ତି ବା ପୋଙ୍ଗଲ ପାଳନ ଚିନ୍ତା ସାଙ୍ଗକୁ ଶୀତ କାକରରେ ନିଦହଜାଇ ଧାନଖଳାରେ ଚାଷୀ ଜଗି ବସିଛି । ତେଣୁ ଏହି କୃଷି ମେଳାରେ ଜିଲ୍ଲାର ଚାଷୀମାନେ କାଁ ଭାଁ ଭାବେ ଯୋଗଦେଉଥିବାର ଆଲୋଚନା ହେଉଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲରେ କୃଷି ସମ୍ବନ୍ଧୀୟ ସମସ୍ତ ଯନ୍ତ୍ରପାତି ଏବଂ ସଚେତନତା ବାର୍ତ୍ତା ଗୁଡିକ ପ୍ରଦର୍ଶିତ ହେଉଛି ।

### • ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର

# ୧୩୨ଟି ଅଭିଯୋଗରୁ ୨ଟିର ତୁରନ୍ତ ସମାଧାନ



ବ୍ରହ୍ମପୁର,୭।୧(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମାବାର ମିଳିତ ଜନ ଶୁଶାଶି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଉପସ୍ଥିତ ରହି ଜନ ସାଧରଣଙ୍କ ଅଭିଯୋଗ ଶୁଣିଥିଲେ । ଅନୁଷ୍ଠିତ ଶିବିରରେ ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଜମି, ରାସନ୍ କାର୍ଡ ଓ ରାସ୍ତା ଭଳି ବିଭିନ୍ନ ସମସ୍ୟାକୁ ନେଇ ରହିଥିଲା । ସମୁଦାୟ ୧୩୨ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୨ଟି ଓ ଗ୍ରାମ ଭିତିକ ସମସ୍ୟା ୧୦ଟି ରହିଥିଲା । ମୋଟ ଅଭିଯୋଗ ମଧ୍ୟରୁ ୨ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ରେଡକ୍ରସ ପକ୍ଷରୁ ୮ଜଣଙ୍କୁ ୨୭ହଜାର ୫୦୦ଟଙ୍କା ସହାୟତା ରାଶି ଚେକ୍ ଦ୍ୱାରା ପ୍ରଦାନ କରାଯାଇଥିଲା । ମିଳିତ ଜନ ଶୁଶାଶି ଶିବିରରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡ଼ିଓ ଓ ତହସିଲଦାର ଉପସ୍ଥିତ ରହିଥିଲେ ।

## ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

କୋଦଳା,୭ ।୧(ସମିସ): କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ଏବଂ ପ୍ଲାଷ୍ଟିକମୁକ୍ତ ସ୍ଥାୟୀ କ୍ୟାମ୍ପସ ସୃଷ୍ଟି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂଯୋଜକ ଅଧ୍ୟାପକ ଭବାନୀ ଶଙ୍କର ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ରଘୁନାଥ ମୁଦୁଲି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପିକା ରଞ୍ଜୁବାଳା ନନ୍ଦ, ଅନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ଅଧ୍ୟାପକ ସପନ କୁମାର ଦାଶ, ଅଧ୍ୟାପକ ଆଲୋକ ଜେନା, ଅଧ୍ୟାପିକା ମନୀଷା ପଟ୍ଟନାୟକ ପ୍ରମୁଖ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକ ପ୍ରିୟଦର୍ଶିନୀ ସାହୁ ସହଯୋଗ କରିଥିଲେ । ଅଧ୍ୟାପକ ଲିପୁନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜି.ଉଦୟଗିରିରେ ୩ ଡିଗ୍ରୀକୁ ଖସିଲା ପାରଦ

ଜି.ଉଦୟଗିରି,୭।୧(ସମିସ): ଜି.ଉଦୟଗିରିରେ ଆଜି ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରିଛି ପାଣିପାଗ ବିଭାଗ। ସୋମବାର ଦିନ ସର୍ବନିମ୍ନ ତାପମାତ୍ରା ୯.୮ ରହିଥିବା, ମଙ୍ଗଳ ବାର ଦିନ ୬.୮ ରହିଥିବା ବେଳେ ବୁଧବାର ଦିନ ପାରଦ ଖସି ୩ ଡିଗ୍ରୀରେ ପହଞ୍ଚିଛି । ପୂର୍ବରୁ ଚଳିତ ବର୍ଷ ସର୍ବନିମ୍ନ ତାପମାତ୍ରା ୩.୨ ପର୍ଯ୍ୟନ୍ତ ଯାଇଥିବା ବେଳେ ଆଜି ଏହି ରେକର୍ଡ କାଟି ୩ ଡିଗ୍ରୀରେ ପହଞ୍ଚିଛି । ଏହା ସହିତ ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ପରିଗଣିତ ହୋଇଛି । ଏମିତି ଅବସ୍ଥା ଚାରିରୁ ପଞ୍ଚଦିନ ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରୁଥବା ବେଳେ ତୁଷାରପାତ ହେବା ସମ୍ଭାବନା ଦେଖାଦେଇଛି ।

## କୁକୁଡ଼ା ଫାର୍ମରୁ ଅଜଗର ଉଦ୍ଧାର

ଜି.ଉଦୟଗିରି,୭।୧(ସମିସ): ଜି. ଉଦୟଗିରିର ଏକ କୁକୁଡ଼ା ଫାର୍ମରୁ ଏକ ୪ ଫୁଟିଆ ଅଜଗର ସାପ ଉଦ୍ଧାର କରିଛି ସ୍ନେକ ହେଲ୍ପ ଲାଇନ ଟିମ । ଅଜଗରକୁ ଦେଖି ଲୋକେ ଭୟଭୀତ ହୋଇପଡିଥିବା ବେଳେ ଖବର ପାଇ ସ୍ନେକ ହେଲ୍ପ ଲାଇନ ଟିମ ସଦସ୍ୟ ପହଞ୍ଚି ସାପକୁ ଧରିଥିଲେ । ସାପକୁ ନିକଟସ୍ଥ କଳିଙ୍ଗା ଜଙ୍ଗଲରେ ଛାଡି ଦିଆଯାଇଥିବା ଜଣାପଡିଛି । ସ୍ନେକ ହେଲ୍ପ ଲାଇନ ଟିମ ସଦସ୍ୟ ବାପୁନି ଆର୍ଜେଲିଙ୍କ ସହିତ ରାଜୀବ ଦଳବେହେରା ସାପକୁ ଉଦ୍ଧାର କରିଥିଲେ ।



# ଘୋଡ଼ାହାଡ଼ ଡ୍ୟାମରେ କୁମ୍ଭୀର ଗଣନା




ଦିଗପହଣ୍ଡି,୭ ।୧(ସମିସ): ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତ ଘୋଡ଼ାହାଡ଼ ଡ୍ୟାମରେ ବ୍ରହ୍ମପୁର ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଠାରୁ କୁମ୍ଭୀରଗଣନା କାର୍ଯ୍ୟ ଶୁଭାରମ୍ଭ ହୋଇଛି । ଏହି ଗଣନା କାର୍ଯ୍ୟ ବୁଧବାର ଅପରାହ୍ନରେ ସମାପ୍ତ ହେବ । କୁମ୍ଭୀର ଗଣନା ପାଇଁ ବନ ବିଭାଗ ପକ୍ଷରୁ ୨୫ଟି ଟିମ୍ ଗଠନ କରାଯାଇଛି । ଦିଗପହଣ୍ଡି ବନ ବିଭାଗ କାର୍ଯ୍ୟାଳୟ ଭାରପ୍ରାପ୍ତ ରେଞ୍ଜର ସନ୍ତୋଷ ବିଷୋୟୀ ରତ୍ନଙ୍କ ନେତୃତ୍ୱରେ ୨୫ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ କୁମ୍ଭୀର ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଗଣନା କାର୍ଯ୍ୟ ନିମନ୍ତେ ଡ୍ୟାମର ୧୦ଟି ସେଗମେଣ୍ଟ ସହ ୧୬ଟି ପୋଖରୀକୁ ଚିହ୍ନଟ କରାଯାଇଛି । ଗଣନା ଅନୁଯାୟୀ ୨୦୨୨ରେ କୁମ୍ଭୀରଙ୍କ ସଂଖ୍ୟା ୭୬ ରହିଥିବା ବେଳେ ୨୦୨୩ ରେ ତାହା ବୃଦ୍ଧିପାଇ ୮୧ରେ ପହଞ୍ଚିଥିଲା । ସେହିପରି ୨୦୨୪ରେ ଏହାର ସଂଖ୍ୟା ୮୪ ଏବଂ ୨୦୨୫ରେ ୮୭ କୁମ୍ଭୀର ଥିବା ବନ ବିଭାଗ ରିପୋର୍ଟରୁ ସୂଚନା ମିଳିଛି । ସୋମବାର ଡ୍ୟାମ ସଂଲଗ୍ନ ଇକୋ ରିଟ୍ରିଟ ପରିସରରେ ଆୟୋଜିତ କୁମ୍ଭୀର ଗଣନା ପ୍ରଶିକ୍ଷଣ ଶିବିରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ଅଧ୍ୟକ୍ଷତା କରିଥିଲେ । ପ୍ରଶିକ୍ଷକ ଭାବେ ଏସିଏଫ୍ ସସ୍ମିତା ବିଶ୍ୱାଳ, ଗଞ୍ଜାମ ବିଜ୍ଞାନ କଲେଜ ଜୀବ ବିଜ୍ଞାନ ପ୍ରାଧ୍ୟାପକ ଡ଼. ମହେନ୍ଦ୍ର ସେଠୀ ଯୋଗଦେଇ କୁମ୍ଭୀର ଗଣନା କାର୍ଯ୍ୟକ୍ରମରେ ନିୟୋଜିତ ବନ କର୍ମଚାରୀ ମାନଙ୍କୁ କୁମ୍ଭୀରର ଗତିବିଧି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଚଳିତବର୍ଷ ଡ୍ୟାମ ଏବଂ ଆଖପାଖ ପୋଖରୀ ଗୁଡିକରେ କୁମ୍ଭୀରଙ୍କ ସଂଖ୍ୟା ପୂର୍ବବର୍ଷ ମାନଙ୍କ ତୁଳନାରେ ବୃଦ୍ଧି ନେଇ ଆଶା ରଖାଯାଇଥିବା ବନଖଣ୍ଡ ଅଧିକାରୀ କହିଛନ୍ତି ।

# ପାତାଳେଶ୍ୱରୀ ପୀଠରେ ସାମ୍ବାଦିକଙ୍କ ବନ୍ଧୁ ମିଳନ



ଧରାକୋଟ,୭ ।୧(ସମିସ): ଧରାକୋଟ ପ୍ରେସ୍‌କ୍ଲବ ତରଫରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ପାତାଳେଶ୍ୱରୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିଷ୍ଣୁ କେଶରୀ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବର ଭବିଷ୍ୟତ କାର୍ଯ୍ୟପନ୍ଥା, ସାଙ୍ଗଠନିକ କାର୍ଯ୍ୟ, ଅଞ୍ଚଳର ଅବହେଳିତ ଦାବି ଗୁଡ଼ିକ ପ୍ରଶାସନ ନିକଟରେ ଉପସ୍ଥାପନ କରିବା, ବାର୍ଷିକ ଉତ୍ସବ ପାଳନ କରିବା ଏବଂ ସାମ୍ବାଦିକ ମାନଙ୍କ ନିତିଦିନିଆ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ଉପଦେଷ୍ଟା ହୃଦାନନ୍ଦ ଜେନା, ଉପସଭାପତି ଗିରିଜା ପ୍ରସାଦ ରଥ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ବରିଷ୍ଠ ସଭ୍ୟ ରୁଦ୍ର ନାରାୟଣ ପଣ୍ଡା, ଶିବାଜୀ ଗଣେଶ ପଣ୍ଡା, ଶିଶିର ମହାନ୍ତି, ମନୋଜ କୁମାର ଗୌଡ଼, କାଳୁ ଚରଣ ମହାପାତ୍ର, ଅଶେଷ ପାତ୍ର, ଶ୍ରୀକାନ୍ତ ସାବତ, ସଂଜିତ ସ୍ୱାଇଁ, ପଞ୍ଚୁ ନାରାୟଣ ପାତ୍ର, ଶଙ୍କର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତଙ୍କ ଉପସ୍ଥିତିରେ ସାମ୍ବାଦିକ କାଳୁଚରଣ ମହାପାତ୍ରଙ୍କ ୟୁଟ୍ୟୁବ ଚ୍ୟାନେଲ ଜନତାଙ୍କ ସ୍ୱର ଉନ୍ମୋଚିତ ହୋଇଥିଲା । କ୍ଲବର ସୋସିଆଲ ମିଡିଆ କାର୍ଯ୍ୟକ୍ରମ ପାଇଁ ସଂଜିତ ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

## ଶିକ୍ଷା ଗବେଷଣା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା



ରଙ୍ଗେଇଲୁଣ୍ଡା,୭ ।୧(ସମିସ): କନିଷି ହାଟ ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପ୍ରଫେସର ଡ. ମନୋଜ କୁମାର ପ୍ରଧାନ ଓ ସହକାରୀ ପ୍ରଫେସର ଶୁଭଶ୍ରୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ବିଏଡ଼ ଓ ଏମଏଡ଼ ପ୍ରଥମ, ଦ୍ୱିତୀୟ ବର୍ଷର ୧୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡା. ନାରାୟଣ ବେହେରା, ଆରଆଣ୍ଡବି ଏସଡିଓ ତାପସ କୁମାର ଦାସ, ସହକାରୀ ଯନ୍ତ୍ରୀ କେଦାର କୁମାର ନାୟକ, ପ୍ରଫେସର ଡ଼. ଦେବେନ୍ଦ୍ର କୁମାର ସେଠୀ ମଞ୍ଚାସିନ ଥିଲେ । ପ୍ରଫେସର ସେଠି ସଭା ପରିଚାଳନା କରିଥିଲେ । ବିନୋଦ କୁମାର ମଲ୍ଲିକ, ସାରଥୀ ମାରାଣ୍ଡି ଚାମ୍ପିଅନ ହୋଇଥିବା ବେଳେ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ସହକାରୀ ପ୍ରଫେସର ରାମଚନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପିଇଟି, ଏମ.ଆର. ରାଓ , ଅନ୍ୟ ସହକାରୀ ପ୍ରଫେସର ଉପସ୍ଥିତ ଥିଲେ ।

## ମୋହନା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା

ମୋହନା, ୭।୧(ସମିସ): ଆସନ୍ତା ଜାନୁୟାରୀ ୧୫ ଏବଂ ୧୬ ତାରିଖ ରେ ଗଜପତି ଜିଲ୍ଲା ମୋହନା ବ୍ଲକରେ ଅନୁଷ୍ଠିତ ହେବାକୁ ଥିବା ମୋହନା ମହୋତ୍ସବ ନିମନ୍ତେ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି । ବୁଧବାର ମହେନ୍ଦ୍ରଗିରି କୁନ୍ତୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲଯାତ୍ରା ବାହାରିଥିଲା । ମୋହନା ବ୍ଲକର ଅଧିକାରୀ ଏବଂ କର୍ମଚାରୀ ମାନେ ଲବାରସିଂରେ ମଶାଲକୁ ସ୍ୱାଗତ କରିବା ସହ ପଟୁଆର ରେ ଚନ୍ଦ୍ରଗିରି, ଚାନ୍ଦିପୁଟ ଆଦି



ପଞ୍ଚାୟତ ଦେଇ ମୋହନା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମଶାଲକୁ ସ୍ୱାଗତ କରିଥିଲେ । ମଶାଲ ବ୍ଲକର ୩୧ଟି ପଞ୍ଚାୟତ ପରିଭ୍ରମଣ କରିବା ପରେ ମୋହନା ମହୋତ୍ସବ ଉଦଘାଟନ ଦିନ ମଞ୍ଚରେ ସ୍ଥାପିତ ହେବ । ଏହି କାର୍ଯ୍ୟକ୍ରମରେ ମୋହନା ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦୀପକ ପ୍ରଧାନ, ଯୋଗାଣ ଅଧିକାରୀ ସତ୍ୟନାରାୟଣ ଭୂୟାଁ, ମୋହନା ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ପେଶା ବ୍ଲକ କୋଡ଼ିନେଟର ବିଶ୍ୱଜିତ ନାୟକ ସାମିଲ ହୋଇଥିଲେ ।

# ଶ୍ରୀମର୍ଦ୍ଦରାଜ ହାଇସ୍କୁଲରେ ପିଏମଶ୍ରୀ ବାର୍ଷିକ କ୍ରୀଡ଼ା




କବିସୂର୍ଯ୍ୟନଗର,୭ ।୧(ସମିସ): କବିସୂର୍ଯ୍ୟନଗର ପିଏମଶ୍ରୀ ଶ୍ରୀମର୍ଦ୍ଦରାଜ ହାଇସ୍କୁଲରେ ପିଏମଶ୍ରୀ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ କ୍ରୀଡା, ଖେଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିଲା । ମୁଖ୍ୟ ଅତିଥି ତଥା ଉଦଘାଟକ ଭାବେ ବିଡ଼ିଓ ରାଜେନ୍ଦ୍ର କୁମାର ନାୟକ ମଶାଲ ସ୍ଥାପନ କରିବା ସହ କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଡ଼ିଓ ରାଜେନ୍ଦ୍ର କୁମାର ନାୟକ, ମୁଖ୍ୟବକ୍ତା ବିଇଓ ଅଭିମନ୍ୟୁ ସାହୁ, ଅନ୍ୟତମ ବକ୍ତା ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ, ସମ୍ମାନିତ ଅତିଥି ଏବିଇଓ ମାଧବ ଚନ୍ଦ୍ର ମାଝୀ, ସିଆରସିସି ରବିନାରାୟଣ ବେହେରା, ଅନ୍ୟତମ ଏନଏସି କ୍ଲଷ୍ଟର ସିଆରସିସି ରବୀନ୍ଦ୍ର ବିଶ୍ୱାଳ, ସ୍କୁଲ ପରିଚାଳନା କମିଟି ମାର୍କଣ୍ଡ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, ଧୀରେନ୍ଦ୍ର କୁମାର ସ୍ୱାଇଁ, ସନ୍ତୋଷ କୁମାର ବାରିକ ଓ ସହଯୋଗ କରିଥିଲେ ସହକାରୀ ଶିକ୍ଷକ ଦୁତିକୃଷ୍ଣ ସେଠୀ । ମଞ୍ଚ ପରିଚାଳନା କରିଥିଲେ ବିଜୟଶ୍ରୀ ପାଣିଗ୍ରାହୀ ।

# ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ




କାଶୀନଗର,୭ ।୧(ସମିସ): କାଶୀନଗରରେ ଥିବା ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଖାରଡ଼ା ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଛି । ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଇନଚାର୍ଜ ଆର. ଦିଲୀପ କୁମାରଙ୍କ ନେତତ୍ୱରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଖାରଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଦୁଇଟି ବିଦ୍ୟାଳୟର ଏହି ଉତ୍ସବ ପାଳିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ପାରଳା ବିଧାୟକ ରୂପେଶ୍ ପାଣିଗ୍ରାହୀ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ ଉତ୍ସବର ଉଦଘାଟନ କରିଥିଲେ । କାଶୀନଗର ବ୍ଲକ ଅଧକ୍ଷା ବି. ସାୟାମ୍ମା , ଏନଏସି ଅଧକ୍ଷା ଏମ.ସୁଧାରାଣୀ, କାଉନସିଲର କେ. ରାମାରାଓ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଭେଙ୍କଟରମଣ, ଅବସରପ୍ରାପ୍ତ କିରାଣୀ ଦୁଃଖୀଶ୍ୟାମ ଲେଙ୍କା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗବତ ସାହୁ, ଏବିଇଓ ନର୍ମଦା କୁମାରୀ ଦାସ, ଆଲୁମିନ ସମ୍ପାଦକ ନଳିନୀକାନ୍ତ ପାତ୍ର, ବିଦ୍ୟାଳୟ ସଭାପତି ଶୁଭ୍ରାଂଶୁ ମୋହନ ପଣ୍ଡା, ଉପ ସଭାନେତ୍ରୀ ଶ୍ରୀରାମ ହେମଲତା, ଜଗନ୍ନାଥ କଲେଜ ଅଧକ୍ଷା ବିଜୟ କୁମାର, ଶ୍ରୀରାମ କଲେଜ ଅଧ୍ୟାପକ ଭେଙ୍କଟ ରାଓ , ସିଆରସିସି ଆର. ମଧୁ, ଡି ବସୁଦେବ ରାଓ, ଖାରଡ଼ା ସରପଞ୍ଚ ଅଖିଳ କୁମାର ପାତ୍ର ମଞ୍ଚାସୀନ ହୋଇଥିଲେ । ପରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ରୀଡାଙ୍ଗନ୍, କୌଶଳ, ସାହିତ୍ୟ ସୃଜନି, ଦୋକାନ ଶାଳ, ଓଡ଼ିଶା ଭିଜନ ୨୦୩୬, ସାଇବର ନିରାପତ୍ତା, ଭଳି ବିଭିନ୍ନ ଷ୍ଟଲ୍ କରାଯାଇଥିଲା ।

## ନିର୍ବାଚନମଣ୍ଡଳୀସ୍ତରୀୟ ସାମ୍ବାଦିକଙ୍କ ବନ୍ଧୁମିଳନ

ଛତ୍ରପୁର,୭ ।୧(ସମିସ): ଛତ୍ରପୁର ନିକଟସ୍ଥ ତାମ୍ପରା ଠାରେ ଛତ୍ରପୁର ନିର୍ବାଚନମଣ୍ଡଳୀସ୍ତରୀୟ ସାମ୍ବାଦିକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଆହ୍ୱାନରେ ଆୟୋଜିତ ହୋଇଯାଇଛି । ନିର୍ବାଚନମଣ୍ଡଳୀର ବିଭିନ୍ନ ଗଣମାଧ୍ୟମର ୫୦ରୁ ଅଧିକ ସାମ୍ବାଦିକ ଉପସ୍ଥିତ ଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ନାୟକ ସମସ୍ତ ସାମ୍ବାଦିକମାନଙ୍କୁ ନୂଆବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟାକୁ ଗଣମାଧ୍ୟମ ମାଧ୍ୟମରେ ସଶକ୍ତ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟିଗୋଚର କରାଇବା ପାଇଁ ସାମ୍ବାଦିକମାନଙ୍କୁ ଆହ୍ୱାନ ଜଣାଇଥିଲେ । ଏହି ନୂଆବର୍ଷଟି ବିଧାୟକଙ୍କ ପାଇଁ ସଫଳତାର ବର୍ଷ ହେଉ ବୋଲି ସାମ୍ବାଦିକ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସାମ୍ବାଦିକା ଶିଳା ପଟ୍ଟନାୟକଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।



### ପ୍ରଧାନଶିକ୍ଷକଙ୍କ ନାଁରେ ଅର୍ଥ ହେର୍‌ଫେର୍ ଓ କାର୍ଯ୍ୟରେ ଅବହେଳା ଅଭିଯୋଗ

# ତଦନ୍ତ ଦାବି କଲେ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ

ଫିରିଙ୍ଗିଆ,୭।୧(ସମିସ):

ଫିରିଙ୍ଗିଆ ବ୍ଲକ କଡ଼ମପାଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କ ନାଁରେ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଆର୍ଥିକ ଅନୁଦାନ ହେରଫେର ଓ ବିଦ୍ୟାଳୟକୁ ଠିକ୍‌ରେ ଆସୁନଥିବା ଅଭିଯୋଗ ହୋଇଛ । ଅଭିଯୋଗ ଆଣିଛନ୍ତି ଖୋଦ୍ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଙ୍କଜ ବିନ୍ଧାଣୀଙ୍କ ସହ ଅନ୍ୟ ସଦସ୍ୟ ଓ ଅଭିଭାବକ । ଘଟଣାକୁ ନେଇ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଭାବରେ ମଧ୍ୟ ଜଣାଇଥିବା ସୂଚନା ଦେଇଛନ୍ତି ବିଦ୍ୟାଳୟ ସଭାପତି ।

ସୂଚନା ଅନୁସାରେ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଜଣକ ପରିଚାଳନା କମିଟି ସଭାପତି କିମ୍ବା କୌଣସି ସଦସ୍ୟଙ୍କ ଅନୁମତି ନନେଇ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନ ଅର୍ଥ ନିଜ ଇଚ୍ଛାରେ ଖର୍ଚ୍ଚ କରୁଛନ୍ତି । ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଯୋଗଦେବା ଦିନଠାରୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଆସୁଥିବା ବେଳେ ସେ ଆସିବା ଦିନଠାରୁ ଆଜି ପର୍ଯ୍ୟନ୍ତ କୌଣସି ଏସଏମସି ବୈଠକ ଜାଣିଶୁଣି ନକରିବା ତାଙ୍କର ମନ୍ଦ ଉଦ୍ଦେଶ୍ୟ ବାରି ହୋଇପଡୁଥିବା କହିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ମାଧ୍ୟାହ୍ନଭୋଜନ ଦିଆଯାଉଥିବା ଅଭିଯୋଗ ହୋଇଛି । ଛାତ୍ରଛାତ୍ରୀଙ୍କୁ ନିଜର ଲାଭ ପାଇଁ ନିମ୍ନମାନର ପୋଷାକ ଦେବା ସହ ଚଳିତ ବର୍ଷ ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୋଷାକ ଦେଇନଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ। ବାରମ୍ବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସହ ସଦସ୍ୟ ଓ ଅଭଭାବକ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ବିଷୟରେ ପଚାରିଲେ ସେ ସେମାନଙ୍କୁ ନାଲିଆଖି ଦେଖାଇବା ସହ କୌଣସି ସହଯୋଗ କରୁନଥିବା ଅଭିଯୋଗ କରିବା ସହ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପ୍ରଧାନଶିକ୍ଷକ ଶିକ୍ଷାଦାନ କରୁନଥିବା ଅଭିଯୋଗ ହୋଇଛି । ଅଭିଯୋଗକୁ ନେଇ ପ୍ରଧାନ ଶିକ୍ଷକଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଉଠାଉ ନଥିବା ବେଳେ ପରିବାରରେ କେହି ଫୋନ ଉଠାଇ ତାଙ୍କ ଘର ଲୋକ କହୁଛି ଯାହା କହିବା କଥା ମତେ କୁହ ବୋଲି କହିବା ସହ ଓଲଟା ଅଭିଯୋଗ କରିଛନ୍ତି । ଉପଯୁକ୍ତ ତଦନ୍ତ ସହ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହଲେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଙ୍କଜ ବିନ୍ଧାଣୀଙ୍କ ସହ ଅନ୍ୟମାନେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ବୋଲି କହିଛନ୍ତି । ଘଟଣା ବିଷୟରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ପଚାରିବାରୁ ତଦନ୍ତ ହେବ ଓ ଉଚିତ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ।

